ଧରିତ୍ରୀ ୨୦୧୬ | ଭୁବନେଶ୍ୱର, ବୁଧବାର, ୩୧ ଅଗଷ୍ଟ

### ଭୁବନେଶ୍ୱର ଆଇଆଇଟି ସମାବର୍ତ୍ତନ ଉତ୍ସବରେ ଆହ୍ୱାନ

# 'ଦେଶ ବିକାଶରେ ପ୍ରମୁଖ ଭୂମିକା ନିଅ'




ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀ, (ଡି.ଏନ.ଏ.)- ବିଜ୍ଞାନ ଜନକଲ୍ୟାଣ ପାଇଁ ପ୍ରୟୋଗ ହେବା ଆବଶ୍ୟକ। ଏକ୍ଷେତ୍ରରେ ଆଇଆଇଟି ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଶିକ୍ଷାନୁଷ୍ଠାନରୁ ବାହାରୁଥିବା ଛାତ୍ରୀଛାତ୍ର ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ବୋଲି ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରେଡିଏଶନ୍‌ର ଅଧ୍ୟକ୍ଷ ତଥା ଦିଲ୍ଲୀ ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁରେନ୍ଦ୍ର ପ୍ରସାଦ କହିଛନ୍ତି। ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରରେ ପଞ୍ଚମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରେନ୍ଦ୍ର ପ୍ରସାଦ ଆଇଆଇଟିଆନଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ଆଇଆଇଟି ବୋର୍ଡ ଅଫ୍ ଗଭର୍ନର୍ସର ଚେୟାରମ୍ୟାନ୍ ପଙ୍କଜ ରାମଭାଇ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଆର୍. ଭି. ରାଜକୁମାର କହିଲେ, ଏଠାକୁ ଦେଶ ତଥା ବାହାରୁ ସୁନାମଧନ୍ୟ ଅଧ୍ୟାପକ ପଢାଇବାକୁ ଆସୁଛନ୍ତି। ଏଥିସହ ରାଜ୍ୟ ସରକାର ଗୋପାଳପୁରରେ ଦେଇଥିବା ୪୮ ଏକର ଜମିରେ କୋଷ୍ଟାଲ ଅବଜରଭେଟୋରୀ ହେବାକୁ ଯାଉଛି। ଏଥିପାଇଁ ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ୯ କୋଟି ଟଙ୍କା ଦେଇଛି ବୋଲି ସେ କହିଥିଲେ। ଏହି ଅବସରରେ ୭ ଜଣଙ୍କୁ ଡକ୍ଟରେଟ୍ ପ୍ରଦାନ କରାଯିବା ସହ ଏମ୍‌ଟେକ୍‌ରେ ୫୫ ଜଣଙ୍କୁ, ଏମ୍‌ସିଏରେ ୬୯ ଜଣଙ୍କୁ, ବି.ଟେକ୍‌ରେ ୧୧୯ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବି. ଟେକ୍‌ରେ ସବୁଠାରୁ ଭଲ ପ୍ରଦର୍ଶନ କରିଥିବା ଛାତ୍ର ପ୍ରୀତମ୍ ଦେଙ୍କୁ ଚଳିତବର୍ଷ ଲାଗି ଦ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ଗୋଲ୍ଡ ମେଡାଲ ଉତ୍ସବରେ ପ୍ରଦାନ କରାଯାଇଥିଲା। ଏମ୍.ଟେକ୍‌ରେ ଶ୍ରେଷ୍ଠ ଛାତ୍ର ଭାବେ ଶୁଭଶ୍ରୀ ସୁବୁଦ୍ଧି, ଏମ୍‌ଏସ୍‌ସି ଲାଗି ଶ୍ୱେତା ସିଂଙ୍କୁ ଡାଇରେକ୍ଟର୍ସ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା। ବି.ଟେକ୍‌ରେ ପ୍ରଣୟ ଗୌର, ପ୍ରିୟମ୍ ଦେ, ବୋ ଦେପୁଡ଼ି ରେଭେନ୍ଥାଙ୍କୁ ଦ ଇନ୍‌ଷ୍ଟିଚ୍ୟୁଟ୍ ସିଲ୍‌ଭର ମେଡାଲ୍ ଦିଆଯାଇଥିଲା। ସେହିଭଳି ଏମ୍‌ଟେକ୍ ବ୍ୟାଚ୍‌ର ଶୁଭଜିତ୍ ରାୟ, ଦିପ୍ତୀରଞ୍ଜନ ଦେ, ପ୍ରିୟଙ୍କା ଦେ, ଆଟେଲ୍‌କର ପଙ୍କଜ ଦିଲୀପ, ଶୁଭଶ୍ରୀ ସୁବୁଦ୍ଧି ଏବଂ ଅଂଶୁମାନ୍ ଚ୍ୟାଉପଟ୍ଟନାୟକଙ୍କୁ ଦ ଇନ୍‌ଷ୍ଟିଚ୍ୟୁଟ୍ ସିଲଭର ମେଡାଲ ପ୍ରଦାନ କରାଯାଇଥିଲା। ଏମ୍‌ଏସ୍‌ସି ବ୍ୟାଚ୍ ପାଇଁ ଶ୍ୱେତା ସିଂ, ସୀମା ପାରିଖ, ଉର୍ମି ଘୋଷ, ଦିକ୍ଷ୍ୟା ତିୱାରୀ, ବସୁନ୍ଧରା ଘୋଷଙ୍କୁ ଦ ଇନ୍‌ଷ୍ଟିଚ୍ୟୁଟ୍ ସିଲଭର ମେଡାଲ ପ୍ରଦାନ କରାଯାଇଥିଲା। ଆଇଆଇଟିର ରେଜିଷ୍ଟ୍ରାର ସି. ଗୁଣଶେଖର ଓ ଶିକ୍ଷାନୁଷ୍ଠାନର ଅନ୍ୟମାନେ ସମାରୋହ ପରିଚାଳନା କରିଥିଲେ।